## ସଂକ୍ଷେପରେ

### ସିଲେଇ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପିତ

**ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.):** ଗଜପତି ଜିଲା ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ୟୁନିୟନ ଗ୍ରାମ୍ୟ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନରେ ଗତ ଏକ ମାସ ଧରି ଚାଲିଥିବା ସିଲେଇ (ମହିଳା) ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଛି। ଏଥିରେ ଜିଲାର ସମସ୍ତ ସାତଟି ବ୍ଲକରୁ ମୋଟ ୨୮ ମହିଳା ତାଲିମ ନେଇଥିଲେ। ସମସ୍ତ ପ୍ରତିଭାଗୀମାନଙ୍କ ପାଇଁ ଅନୁଷ୍ଠାନରେ ମାଗଣା ରହିବା, ଖାଇବା ସହିତ ଯାତ୍ରା ଭତ୍ତା ପ୍ରଦାନ କରଯାଇଥିଲା। ଉଦ୍‌ଯାପନ ସଭାରେ ଅନୁଷ୍ଠାନର ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବ୍ରହ୍ମା ସଭାପତିତ୍ୱ କରିଥିଲେ। ଓଡ଼ିଶା ଜୀବିକା ମିଶନ-ଗଜପତି ଜିଲା ପ୍ରକଳ୍ପ ପ୍ରବନ୍ଧକ ପ୍ରିୟମ୍ବଦା ବିଷୋୟୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଜିଲା ଅଗ୍ରଣୀ ବ୍ୟାଙ୍କ ପ୍ରବନ୍ଧକ କିଶୋର ଚନ୍ଦ୍ର ନାଇକ ପାରଳାଖେମୁଣ୍ଡି ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଅନୁଷ୍ଠାନର ପ୍ରାଧାପକ ଦିଲ୍ଲୀପ କୁମାର ତନ୍ତି କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ୨ କବିଙ୍କୁ ଶ୍ରଦ୍ଧାଞ୍ଜଳି



**ପାରଳାଖେମୁଣ୍ଡି, ୨୦।୨ (ଡି.ଏନ୍.ଏ.):** ପାରଳାଖେମୁଣ୍ଡି ସହରର ଉତ୍କଳ ହିତୈଷିଣୀ ସମାଜ ସଭାଗୃହଠାରେ ବିଶିଷ୍ଟ କବି ଡ. ହରପ୍ରସାଦ ପରିଚ୍ଛା ପଟ୍ଟନାୟକ ଓ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଉତ୍କଳ ହିତୈଷିଣୀ ସମାଜ ଆନୁକୂଲ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅଧକ୍ଷତା କରିଥିଲେ। ଯୁଗ୍ମ ସମ୍ପାଦକ ବିନୋଦ ଚନ୍ଦ୍ର ଜେନାଙ୍କ ପରିଚାଳନାରେ ଡ. ବୃଷକେତୁ ଦାଶ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ବିଚିତ୍ରାନନ୍ଦ ବେବର୍ତ୍ତା ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. କଲ୍ୟାଣୀ ମିଶ୍ର, ଭାଗବତ ପାଢ଼ୀ, ମୁରଲୀଧର ପରିଚ୍ଛା, ଲିଙ୍ଗରାଜ ଦାଶ, ରବି ଚନ୍ଦ୍ର ପାଢ଼ୀ, ମୀନା କୁମାରୀ ଟହଲ, କ୍ୟାପଟେନ ମଲ୍ଲିକାର୍ଜୁନ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ପୁଷ୍ପ ଅର୍ପଣ କରିଥିଲେ।

### ଦନ୍ତ ଚିକିତ୍ସା ଶିବିର

**ଛତ୍ରପୁର,୨୦।୨(ଡି.ଏନ୍.ଏ.):** ଛତ୍ରପୁର ବ୍ଲକର ଅଗସ୍ତି ନୂଆଗାଁସ୍ଥିତ ଚିଦାନନ୍ଦ ଦିବ୍ୟ ଧାମ ପରିସରରେ ରୋଟାରୀ କ୍ଲବ ଅଫ ବ୍ରହ୍ମପୁର ଇଷ୍ଟ ପକ୍ଷରୁ ବ୍ରହ୍ମପୁର କୋର୍ଟପେଟା ଛକସ୍ଥିତ ସ୍ମାଇଲ ଡିଜାଇନ ଡେଣ୍ଟାଲ କେୟାର ସହଯୋଗରେ ଏକ ଦନ୍ତ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ସଭାପତି କାମରାଜୁ ମହାରଣାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ ଜୋନାଲ କୋଅର୍ଡିନେଟର ଏସ୍. ରେଖା ମହାନ୍ତି, ସମ୍ପାଦକ ଜୟନ୍ତ କିଶୋର ପାତ୍ର, ଅରୁଣ ଚାନ୍ଦ ଦାସ, ଅସିତ ଦତ୍ତ, ଲିଙ୍ଗରାଜ ନାୟକ, ଅଜିତ ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ଗୌରବ ସାହୁ ଓ ଡାକ୍ତର ଅର୍ପିତା ମହାନ୍ତି ସମସ୍ତ ବୟୋବୃଦ୍ଧ ଅନ୍ତେବାସୀ ଓ ଆଶ୍ରମକୁ ଆସିଥିବା ପରିବ୍ରାଜକଙ୍କ ଦନ୍ତ ପରୀକ୍ଷା କରି ଆବଶ୍ୟକ ପରାମର୍ଶ ପ୍ରଦାନ କରିଥିଲେ। ଆଶ୍ରମର ମୁଖ୍ୟ ଟ୍ରଷ୍ଟି ବିପ୍ର ଚରଣ ପାତ୍ର ଶିବିର ପରିଚାଳନା କରିଥିଲେ।

# ଫୁଲବାଣୀ ବ୍ଲକରେ ସର୍ବାଧିକ ୮୧.୬୯ % ମତଦାନ

**ତୃତୀୟ ପର୍ଯ୍ୟାୟ ମତଦାନ**

ଫୁଲବାଣୀ ଅଫିସ, ୨୦।୨

କନ୍ଧମାଳ ଜିଲାରେ ରବିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ସରିଛି। ଜିଲାର ଫୁଲବାଣୀ ବ୍ଲକ, ଖଜୁରିପଡା ଓ ଫିରିଙ୍ଗିଆ ବ୍ଲକରେ ସକାଳ ୭ଟାରୁ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା। କେବଳ ଖଜୁରିପଡା ବ୍ଲକର ଗୋଟିଏ ବୁଥ୍‌ରେ କିଛି ବାଲାଟ ଦୁର୍ବୃତମାନେ ବୁଥ୍‌ରେ ପସି ଜବରଦସ୍ତ ନେଇ ଯାଇଛନ୍ତି। ତେବେ ମୋଟାମୋଟି ଦେଖିବାକୁ ଗଲେ ମତଦାନ ଉତ୍ସାହଜନକ ରହିଛି। ଫୁଲବାଣୀ ବ୍ଲକରେ ସର୍ବାଧିକ ୮୧.୬୯ ପ୍ରତିଶତ ମତଦାନ ହୋଇଥିବା ବେଳେ ଫିରିଙ୍ଗିଆରେ ୭୫ ଓ ଖଜୁରିପଡା ବ୍ଲକରେ ୭୧ ପ୍ରତିଶତ ମତଦାନ ହୋଇଛି। ଏହି ୩ ବ୍ଲକର ଜିଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବରଙ୍କୁ ମିଶାଇ ୬୬୦ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ବାଲଟ ବକ୍ସରେ ବନ୍ଦ ରହିଛି। ମାଓବାଦୀ ଅଧ୍ୟୁଷିତ ଫିରିଙ୍ଗିଆ ବ୍ଲକରେ କିଛି ଅଘଟଣ ଆଶଙ୍କା କରାଯାଉଥିଲେ ମଧ୍ୟ ସେପରି କିଛି ହୋଇନାହିଁ। ସବୁ ବୁଥ୍‌ରେ ଲୋକେ ଶାନ୍ତି ଶୃଙ୍ଖଳାର ସହ ନିଜର ମତ ସାବ୍ୟସ୍ତ କରିଛନ୍ତି। ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ବୁଥ୍‌ରେ କଡା ସୁରକ୍ଷା ମଧ୍ୟରେ ଭୋଟ ଗ୍ରହଣ ହୋଇଥିବା ସୂଚନା ମିଳିଛି। ଭୋଟ ଗ୍ରହଣ ଶେଷ ପରେ ସମସ୍ତ ପୋଲିଂ ପାଟି ଆସି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।

## ବେଲଗୁଣ୍ଠା ବ୍ଲକରେ ମତଦାନ ଶାନ୍ତିପୂର୍ଣ୍ଣ



ତନରଡା ବୁଥ ପରିଦର୍ଶନ କରୁଛନ୍ତି ଜିଲାପାଳ।

**ଭଞ୍ଜନଗର,୨୦।୨(ଡି.ଏନ୍.ଏ.)**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ତୃତୀୟ ପର୍ଯ୍ୟାୟ ମତଦାନ ରବିବାର ବେଲଗୁଣ୍ଠା ବ୍ଲକରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ବାଣତୁମ୍ବ, ତନରଡା, ଟିକରପଡାରେ ମତଦାନ ସମୟରେ ବିଭିନ୍ନ କାରଣ ଯୋଗୁ ଚାପା ଉତ୍ତେଜନା ଦେଖାଦେଇଥିଲା। ପରେ ସ୍ଥିତି ସ୍ୱାଭାବିକ ହେବା ସହ ମତଦାନ ଶାନ୍ତିପୂର୍ଣ୍ଣ ହୋଇଥିଲା। ବ୍ଲକର ୧୮ ପଞ୍ଚାୟତର ୨୮୪ଟି ବୁଥରେ ମତଦାନ ହୋଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏବଂ ବିଡିଓ ଶଶୀଭୂଷଣ ମହାପାତ୍ର ପୂର୍ବାହ୍ନରେ ତନରଡାରେ ହୋଇଥିବା ପିଙ୍କ ବୁଥ ସମେତ ଅନ୍ୟାନ୍ୟ ବୁଥ ପରିଦର୍ଶନ କରିଥିଲେ। ସରପଞ୍ଚ, ସମିତିସଭ୍ୟ, ୱାର୍ଡ ମେମ୍ବର ଓ ଜିଲା ପରିଷଦ ପଦବୀ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥିବା ପ୍ରାର୍ଥୀମାନଙ୍କ ଭାଗ୍ୟ ଭୋଟ ବାକ୍ସରେ ସିଲ ହୋଇ ରହିଛି।

# ସରପଞ୍ଚଙ୍କ ଦାଦାଙ୍କୁ ସଂଘବଦ୍ଧ ଆକ୍ରମଣ

**ଖଲ୍ଲିକୋଟ,୨୦।୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟରେ ରବିବାର ରାଜନୈତିକ ହିଂସା ଘଟିଛି। ରବିବାର ପ୍ରଚାର ଶେଷ ହୋଇଥିବା ବେଳେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ତେନ୍ତୁଳିଆପଲ୍ଲୀ ପଞ୍ଚାୟତର ସରପଞ୍ଚ ସୁଲୁ ସ୍ୱାଇଁଙ୍କ ଦାଦା ସୁରେନ୍ଦ୍ର ସ୍ୱାଇଁ(୬୨)ଙ୍କୁ କେତେଜଣ ବ୍ୟକ୍ତି ସଂଘବଦ୍ଧ ଆକ୍ରମଣ କରିଥିଲେ। ମାରଣାସ୍ତ୍ର ଆକ୍ରମଣରେ ତାଙ୍କ ବାମ ହାତରେ ଆଘାତ ଲାଗିଛି। ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସେ ଚିକିତ୍ସିତ ହେଉଛନ୍ତି। ଏହା ରାଜନୈତିକ ହିଂସା ବୋଲି ସୁଲୁ ଅଭିଯୋଗ କରିଥିବା ବେଳେ ପୋଲିସ ଅସ୍ୱୀକାର କରିଛି। ଖଲ୍ଲିକୋଟ ଥାନାଧିକାରୀ ଜଗନ୍ନାଥ ମଲ୍ଲିକ ବ୍ୟକ୍ତିଗତ ଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା କହିଛନ୍ତି। ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୧ ନମ୍ବର ଜୋନରୁ ବିଜେଡିରୁ ଟିକେଟ ପାଇ ଜିଲା ପରିଷଦ ପ୍ରାର୍ଥୀ ଭାବେ ସରପଞ୍ଚ ସୁଲୁ ସ୍ୱାଇଁ ନିଜର ନାମାଙ୍କନ ପତ୍ର ଦାଖଲ କରିଥିଲେ। କିନ୍ତୁ ତାଙ୍କ ବିରୋଧରେ ୧୦ ଗୋଟି ଆପରାଧିକ ମାମଲା ଥିବାରୁ ତାଙ୍କର ଟିକେଟ ପରିବର୍ତ୍ତନ କରି ଜିଲା ପରିଷଦ ଅଧ୍ୟକ୍ଷା ସୋନମ ପଲେଇଙ୍କୁ ବିଜେଡି ଟିକେଟ ଦେଇଥିଲା। ଏହାକୁ ନେଇ ସୁଲୁ ଅସନ୍ତୋଷ ଥିଲେ। ଏହି ଘଟଣାରୁ ତେନ୍ତୁଳିଆପଲ୍ଲୀ ପଞ୍ଚାୟତରେ ବିଜେଡିର ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା। ତେବେ ବିଜେଡି ଗୋଷ୍ଠୀ କନ୍ଦଳରୁ ସରପଞ୍ଚ ସୁଲୁ ସ୍ୱାଇଁଙ୍କ ଦାଦାଙ୍କ ଉପରେ ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି। ଏହି ଘଟଣା ପରେ ତେନ୍ତୁଳିଆପଲ୍ଲୀ ପଞ୍ଚାୟତରେ ପୋଲିସ ତରଫରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି।



ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

## ବସନ୍ତ ରାହାସ ଯାତ୍ରା ଉଦ୍‌ଯାପିତ

**ବାଲିଗୁଡା,୨୦।୨(ଡି.ଏନ.ଏ )**

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କ. ନୂଆଗାଁ ବ୍ଲକ ସାରଙ୍ଗଡଠାରେ ପ୍ରସିଦ୍ଧ ବସନ୍ତ ରାହାସ ଯାତ୍ରା ୫ ଦିନ ଧରି ଅନୁଷ୍ଠିତ ହେବା ପରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଯାତ୍ରା ଧୁମଧାମରେ ପାଳନ କରାଯାଉଥିବା ବେଳେ ଜିଲାର କୋଣଅନୁକୋଣରୁ ବହୁ ଭକ୍ତ ଠାକୁରଙ୍କ ଦର୍ଶନ ପାଇଁ ଏଠାକୁ ଆସିଥାନ୍ତି। ତେବେ କରୋନା କଟକଣା ଯୋଗୁ ଏହି ପର୍ବ କେବଳ ସୀମିତ ଭକ୍ତଙ୍କ ସହିତ କମିଟିର କର୍ମକର୍ତ୍ତାଙ୍କୁ ନେଇ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସରେ ବାଲିଗୁଡା ବିଧାୟକ ଚକ୍ରମଣି କହଁରଙ୍କ ସମେତ ବିଭିନ୍ନ ରାଜନୈତିକ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏହି ସମୟରେ ଅଞ୍ଚଳର ଜନସାଧାରଣ ବହୁ ଆନନ୍ଦର ସହ ଠାକୁରଙ୍କ ନଗର ଭ୍ରମଣରେ ନିଜକୁ ସାମିଲ କରିଥିଲେ। ରାଧାକୃଷ୍ଣ ଗ୍ରାମ୍ୟ କମିଟି ଏବଂ ରାଧାକୃଷ୍ଣ ମନ୍ଦିର ନିର୍ମାଣ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁଙ୍କର ପଞ୍ଚ ଦିନାତ୍ମକ ଯାତ୍ରା ପରିଚାଳନା ଶୃଙ୍ଖଳିତ ଭାବେ ସମାପନ କରାଯାଇଛି।

## ତୃତୀୟ ଦିନରେ ସ୍ୱାମୀ ଘର ଆଗରେ ରଶ୍ମିତାଙ୍କ ଧାରଣା

**ଧରାକୋଟ,୨୦।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଧରାକୋଟ ବ୍ଲକ ଅନ୍ତର୍ଗତ ମୁଣ୍ଡମରାଇ ପଞ୍ଚାୟତର ପୋଡ଼ାପଲ୍ଲୀ ଗ୍ରାମରେ ନ୍ୟାୟ ଦାବିରେ ଶ୍ୱଶୁର ଘର ଆଗରେ ରଶ୍ମିତା କୁମାରୀ ରାଉଳଙ୍କ ଧାରଣା ତୃତୀୟ ଦିନରେ ପହଞ୍ଚିଛି। ସ୍ୱାମୀ ଜିତେନ୍ଦ୍ରଙ୍କ ଦ୍ୱାରା ନିର୍ଯାତିତ ହୋଇ ଆଇନର ଆଶ୍ରୟ ନେଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ସ୍ୱାମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ନେଇ ଧରାକୋଟ ଥାନାରେ ନଂ.୧୦୨/୨୧ରେ ମାମଲା ରୁଜୁ ହେଇଥିବା ବେଳେ ହାଇକୋର୍ଟରେ ସ୍ୱାମୀଙ୍କ ଡିଭୋର୍ସ ମାମଲା ବିଚାରାଧୀନ ରହିଛି। ଏଥିସହ ବ୍ରହ୍ମପୁର ପରିବାର କୋର୍ଟରେ ନଂ. ୩୪/୨୨ରେ ମାମଲା ବିଚାରାଧୀନ ରହିଛି। ଜିତେନ୍ଦ୍ର ମୁନି ନାଭାଲରୁ ଅବସର ଗ୍ରହଣ ପରେ ବର୍ତ୍ତମାନ ପାରାଦୀପ ମେରାଇନ୍ ଥାନାରେ ସବ୍‌ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିବାରୁ ତାଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ପୋଲିସ ନେଉନାହିଁ ବୋଲି ରଶ୍ମିତା ଅଭିଯୋଗ କରିଛନ୍ତି। ଗତ ୭।୭।୨୧ରେ ରଶ୍ମିତା ସ୍କୁଲ ଯିବା ରାସ୍ତାରେ ଅଜଣା ବ୍ୟକ୍ତିଙ୍କ ଦ୍ୱାରା ତାଙ୍କୁ କିରୋସିନ ଢାଳି ନିଆଁ ଲଗାଇବାକୁ ଉଦ୍ୟମ ହୋଇଥିଲା। ପରେ ୩୧।୧।୨୨ରେ ଦୁଇ ଜଣ ବ୍ୟକ୍ତିଙ୍କ ଦ୍ୱାରା ଏସିଡ୍ ପକାଇ ମାରିବା ପାଇଁ ଧମକ ମିଳିଥିବା କଥା ରଶ୍ମିତା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଏପରିକି ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସହ ସମ୍ପର୍କ ଥିବା କଥା ରଶ୍ମିତା କହିଛନ୍ତି। ବିବାହ ଆରମ୍ଭରୁ ଅଧିକ ଯୌତୁକ ପାଇଁ ନିର୍ଯାତନା ଦିଆଯିବା ସହ ଗର୍ଭନଷ୍ଟ ହୋଇଥିବା ପୀଡ଼ିତା କହିଛନ୍ତି। ଏଥିସହ ଶ୍ୱଶୁରଘର ଲୋକେ ସ୍ୱାମୀ ସ୍ତ୍ରୀ ମଧ୍ୟରେ ବିଶୃଙ୍ଖଳା ସୃଷ୍ଟି କରି ରଶ୍ମିତାଙ୍କୁ ଘରୁ ବାହାର କରିଥିବା ସେ କହିଛନ୍ତି। ଜିତେନ୍ଦ୍ର ବର୍ତ୍ତମାନ ସିଆର୍‌ପିଏଫ୍‌ର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଭାବେ ହରିୟାଣାର ଆଦରପୁରଠାରେ ଗ୍ରେଡ୍ ୱାନ୍ ପଦବୀରେ ନିଯୁକ୍ତି ପାଇଁ ବିବେଚିତ ହେବାପରେ ସ୍ତ୍ରୀଙ୍କ ଶିକ୍ଷକତା ଚାକିରିକୁ ନେଇ ଘୃଣା କରୁଥିଲେ। ତାଙ୍କର ଉଚ୍ଚ ପଦବୀରେ ଅବସ୍ଥାପିତ ଥିବା ଜଣେ ମହିଳାଙ୍କ ସହ ସମ୍ପର୍କ ରହିଥିବାରୁ ରଶ୍ମିତାଙ୍କୁ ଅଣଦେଖା କରୁଛନ୍ତି। କିନ୍ତୁ ଏତେସବୁ ସତ୍ତ୍ୱେ ସ୍ୱାମୀଙ୍କ ପାଖରେ ରହିବା ପାଇଁ ରଶ୍ମିତା ଆଶା ରଖିଛନ୍ତି। ତେବେ ତପସ୍ୱିନୀଙ୍କ ଭଳି ରଶ୍ମିତାଙ୍କୁ ମଧ୍ୟ ନ୍ୟାୟ ମିଳିବ ବୋଲି ସାମାଜିକ କର୍ମୀ ପ୍ରମିଳା ତ୍ରିପାଠୀ କହିଛନ୍ତି। ହେଲେ ଏ ଯାଏ ପରିବାର କୌଣସି ସଦସ୍ୟଙ୍କ ସହ ଦେଖା ମିଳିନାହିଁ।

# ଦଳୀୟ ପ୍ରାର୍ଥୀଙ୍କ ପାଇଁ ମନ୍ତ୍ରୀଙ୍କ ପ୍ରଚାର



କାର୍ଯ୍ୟକ୍ରମରେ ଉପସ୍ଥିତ ମନ୍ତ୍ରୀ ଓ ଅନ୍ୟମାନେ।

**ଜଗନ୍ନାଥପ୍ରସାଦ,୨୦।୨(ଡି.ଏନ.ଏ.)**

ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ଜଗନ୍ନାଥପ୍ରସାଦ ବ୍ଲକ ଗଣ୍ଡାଧର ପଞ୍ଚାୟତରେ ଦଳୀୟ ପ୍ରାର୍ଥୀ ପାଇଁ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ପ୍ରଚାର କରୁଛନ୍ତି। ରବିବାର ଦଳର ନେତୃମଣ୍ଡଳୀଙ୍କ ସହ ପଞ୍ଚାୟତ ବୁଲି ମାରାଥନ୍ ପ୍ରଚାର କରି ୨୪ ନମ୍ବର ଜୋନର ବିଜେଡି ପ୍ରାର୍ଥିନୀ ମାନସୀ ସେଠୀ ଏବଂ ଦଳୀୟ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ବିଜୟ କୁମାର ନାୟକ, ସମିତିସଭ୍ୟ ପ୍ରାର୍ଥୀ ପିଣ୍ଟୁ ପ୍ରଧାନ ଲାଗି ଭୋଟ ଭିକ୍ଷା କରିଛନ୍ତି। ପଞ୍ଚାୟତର ଅନେକ ନେତା ଓ ଯୁବପିଢ଼ି ଏକ ବିଶାଳ ବାଇକ ରାଲିରେ ବାହାରି ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ହରିପୁର ଗ୍ରାମରେ ଏକ ପଥପ୍ରାନ୍ତ ସଭା ଆୟୋଜନ କରିଥିଲେ। ଆୟୋଜିତ ସଭାରେ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଭୋଟରଙ୍କୁ କହିବା ସହ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଗଣ୍ଡାଧର ପଞ୍ଚାୟତବାସୀଙ୍କୁ ନିବେଦନ କରିଥିଲେ। ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ହିମାଂଶୁ ଶେଖର ବାରିକ, ଏମ୍‌ପି ପ୍ରତିନିଧି ବିପ୍ର ଚରଣ ବାରିକ, ବରିଷ୍ଠ ନେତା ଶୂଳପାଣି ଶତପଥୀ, ସୂର୍ଯ୍ୟ ନାରାୟଣ ପ୍ରଧାନ, ପ୍ରଦୀପ୍ତ କିଶୋର ଭୂୟାଁଙ୍କ ସମେତ ବହୁ ପ୍ରମୁଖ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ମତଦାନ କରି ପାରିଲେନି ଦିବ୍ୟାଙ୍ଗ ଶିକ୍ଷକ

### ଜିଲାପାଳ, ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ଅଭିଯୋଗ

**ଗଞ୍ଜାମ,୨୦।୨(ଡି.ଏନ.ଏ.)**

ଗଞ୍ଜାମ ବ୍ଲକରେ ରବିବାର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ଶାନ୍ତି ଶୃଙ୍ଖଳାରେ ମତଦାନ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ପ୍ରଶାସନର ତ୍ରୁଟି ଯୋଗୁ ଗଞ୍ଜାମ ବ୍ଲକ ପୋଇରାସି ପଞ୍ଚାୟତ ତାରିଣୀପଲି ପ୍ରାଇମେରୀ ସ୍କୁଲ ବୁଥ୍‌ରେ ଦିବ୍ୟାଙ୍ଗମାନେ ନିଜ ଭୋଟ ଦେଇପାରି ନ ଥିବା ଅଭିଯୋଗ ହୋଇଛି। ଖସଡ଼ା କିମ୍ବା ହ୍ୱିଲଚେୟାରର ବ୍ୟବସ୍ଥା ନ ଥିବାରୁ ଦିବ୍ୟାଙ୍ଗ ଶିକ୍ଷକ ରବୀନ୍ଦ୍ର ସେଠୀ ନିଜର ଭୋଟ ଦେଇ ନ ପାରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଶିକ୍ଷକ ଏନେଇ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ପ୍ରିଜାଇଡିଂ ଅଫିସରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଏବଂ ପ୍ରିଜାଇଡିଂ ଅଫିସର ଏନେଇ ସେକ୍ଟର ଅଫିସରଙ୍କୁ ଜଣାଇବେ ବୋଲି କହିଥିଲେ ମଧ୍ୟ କୌଣସି ବ୍ୟବସ୍ଥା ହୋଇନଥିବା ସେ ସୂଚନା ଦେଇଛନ୍ତି। ଏ ନେଇ ଦିବ୍ୟାଙ୍ଗ ଶିକ୍ଷକ ଜଣକ ବାଧ୍ୟ ହୋଇ ଗଞ୍ଜାମ ଜିଲାପାଳ ଓ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ ମେଲ୍ ଦ୍ୱାରା ନିଜ ଅଭିଯୋଗ ଜଣାଇଛନ୍ତି। ବୁଥ୍‌ଗୁଡିକରେ ଦିବ୍ୟାଙ୍ଗମାନଙ୍କ ପାଇଁ ଖସଡ଼ା ବା ର୍‍ୟାମ୍ପର ବ୍ୟବସ୍ଥା କରାଯିବାକୁ ନିୟମ ରହିଛି। ଏପରି ଭାବରେ ନିୟମ ଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନି ବୋଲି ସେ କହିଛନ୍ତି।

## ଏମ୍‌ପି, ପୂର୍ବତନ ମନ୍ତ୍ରୀଙ୍କ ମିଳିତ ପ୍ରଚାର



ଏମ୍‌ପି, ପୂର୍ବତନ ମନ୍ତ୍ରୀ ପ୍ରଚାର କରୁଛନ୍ତି।

**ଖଲ୍ଲିକୋଟ,୨୦।୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ୧୩ନଂ ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥିନୀ ସାନମ ପଲାଇଙ୍କଙ୍କ ପାଇଁ ରବିବାର ପୂର୍ବତନ ମନ୍ତ୍ରୀ ଦେବୀପ୍ରସାଦ ମିଶ୍ର, ଆସିକା ଏମ୍‌ପି ପ୍ରମିଳା ବିଶୋଇ, ବିଜେଡି ରାଜ୍ୟ ସମ୍ପାଦକ ସୁବାସ ମହାରଣା, ଗଞ୍ଜାମ ଜିଲା ପର୍ଯ୍ୟବେକ୍ଷକ ଜଗନ୍ନାଥ ସାବତ, ଖଲ୍ଲିକୋଟ ବିଧାୟିକା ପ୍ରତିନିଧି ଦଇତାରୀ ବେହେରା ପ୍ରମୁଖ ମିଳିତ ପ୍ରଚାର କରିଥିଲେ। କହ୍ନେଇପୁର ପଞ୍ଚାୟତରେ ପ୍ରଚାର ଆରମ୍ଭ ହୋଇ କୌରାଶି, ବଧିନୂଆପଲି, ବିକ୍ରମପୁର ଆଦି ପଞ୍ଚାୟତରେ ପଥପ୍ରାନ୍ତ ସଭା କରି ଭୋଟ ଭିକ୍ଷା କରିଥିଲେ। ଏମ୍‌ପି ବିଶୋଇ ଗୀତ ଗାଇ ନବୀନ ସରକାରଙ୍କ ଗୁଣଗାନ କରିଥିବା ବେଳେ ବିଧାୟକ ମିଶ୍ର ସୁଶାସନ ଓ ଗରିବ କଲ୍ୟାଣ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ଅନୁରୋଧ କରିଥିଲେ। ରୋଡ ଶୋରେ ବିଜେଡି କର୍ମୀ, ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀ ସାମିଲ ଥିଲେ।

# ଭୋଟର ତାଲିକାରେ ନାଁ ନ ଥିବାରୁ ଉତ୍ତେଜନା

**ବୁଝାଶୁଝା ପରେ ହେଲା ମତଦାନ**

**ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ଜିରାଙ୍ଗ ପଞ୍ଚାୟତ ୯ ନଂ. ବୁଥ୍‌ରେ ମତଦାନ ବେଳେ ଉତ୍ତେଜନା ଦେଖାଦେଇଥିଲା। ୭୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁ ଭୋଟର ତାଲିକାରେ ନ ଥିବା ଅଭିଯୋଗ ହୋଇଥିଲା। ଏଥିଲାଗି ଘାଟିତଳ ଗ୍ରାମର ଉତ୍ତ୍ୟକ୍ତ ଲୋକେ ମତଦାନ ପ୍ରକ୍ରିୟାକୁ ବନ୍ଦ କରି ଦେଇଥିଲେ। ଅନ୍ୟ ଗ୍ରାମବାସୀ ସେଠାକୁ ମତଦାନ କରିବାକୁ ଆସିଥିଲେ ମଧ୍ୟ ସେମାନଙ୍କୁ ଭୋଟ ଦେବା ପାଇଁ ଛାଡି ନ ଥିଲେ। ପୋଲିସ ଓ ବ୍ଲକ ନିର୍ବାଚନ ଅଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ କିଛି ଘଣ୍ଟା ବିଳମ୍ବରେ ମତଦାନ ସ୍ୱାଭାବିକ ହୋଇଥିଲା।

# ଖେମୁଣ୍ଡି ଓକିଲ ସଂଘ ଲାଇବ୍ରେରୀ ଉଦ୍‌ଘାଟିତ

**ଦିଗପହଣ୍ଡି,୨୦।୨(ଡି.ଏନ.ଏ.)**

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ଲାଇବ୍ରେରି ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶାର ଖ୍ୟାତନାମା ଆଇନଜୀବୀ କୁମୁଦ ରଞ୍ଜନ ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହି ଲାଇବ୍ରେରି ନାମିତ ହୋଇଥିବା ବେଳେ ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ ତଥା ସ୍ୱର୍ଗତ କୁମୁଦ ରଞ୍ଜନଙ୍କ ସୁପୁତ୍ର ବିଶିଷ୍ଟ ଆଇନଜୀବୀ ତପନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ ଲାଇବ୍ରେରିର ଶୁଭ ଉଦ୍‌ଘାଟନ କରିଥିଲେ। ଖେମୁଣ୍ଡି ଓକିଲ ସଂଘର ସଭାପତି ପରେଶ ଚନ୍ଦ୍ର ରଥ ଏବଂ ପ୍ରାକ୍ତନ ସଭାପତି ପ୍ରଭାକର ରାଉତଙ୍କ ମିଳିତ ସଭାପତିତ୍ୱରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ କୁମୁଦ ରଞ୍ଜନଙ୍କ ଅନ୍ୟ ୩ ପୁତ୍ର ସପନ କୁମାର ଦାସ, ଅଜୟ କୁମାର ଦାସ ଏବଂ ସୁଜୟ କୁମାର ଦାସଙ୍କ ସମେତ ଦିଗପହଣ୍ଡି କୋର୍ଟର ମାଜିଷ୍ଟ୍ରେଟ ପ୍ରିୟଦର୍ଶିନୀ ତ୍ରିପାଠୀ, ଗଞ୍ଜାମ ଓକିଲ ସଂଘର ବରିଷ୍ଠ ସଦସ୍ୟ ଶିଶିର କୁମାର ପାଢୀ, ପି.ସୂର୍ଯ୍ୟ ନାରାୟଣ ପାତ୍ର, ନିର୍ମଳ ଚନ୍ଦ୍ର ସାହୁ, ପୀତବାସ ପଣ୍ଡା, ଖେମୁଣ୍ଡି ଓକିଲ ସଂଘର ପ୍ରାକ୍ତନ ସଭାପତି ହୃଦୟ ରଞ୍ଜନ ମେକାପ, ଲକ୍ଷ୍ମୀ ନାରାୟଣ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଗିରିଜା ନନ୍ଦନ ମେକାପ ତାଙ୍କ ବକ୍ତବ୍ୟରେ ବ୍ରହ୍ମପୁରର ଦାସ ପରିବାରଙ୍କ ଉତ୍ସର୍ଗୀକୃତ ଅବଦାନ ପାଇଁ ସଂଘ ସେମାନଙ୍କ ନିକଟରେ ଚିର କୃତଜ୍ଞ ହୋଇ ରହିବ ବୋଲି କହିବା ସହ କୁମୁଦ ରଞ୍ଜନଙ୍କ ସ୍ମୃତିରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ପ୍ରକାଶ କରିଥିଲେ।




ଓକିଲ ସଂଘ ପକ୍ଷରୁ ମୁଖ୍ୟ ଅତିଥିଙ୍କୁ ସମ୍ବର୍ଦ୍ଧନା।

# ଭୁଶୁଡ଼ିବାରେ ଲାଗିଛି ମୁଖ୍ୟ ରାସ୍ତା

**ପାରଳାଖେମୁଣ୍ଡି,୨୦।୨(ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା ଯଥା ଶଙ୍କୁରି ପୋଖରୀଠାରୁ ବସ୍‌ଷ୍ଟାଣ୍ଡ ରାସ୍ତାରେ ଥିବା ଏସାର ପେଟ୍ରୋଲ ପମ୍ପ ସମ୍ମୁଖ ରାସ୍ତା ଭୁଶୁଡ଼ିବାରେ ଲାଗିଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟିପଡୁନି। ବିଗତ ୪ବର୍ଷ ପୂର୍ବେ ଶଙ୍କୁରି ପୋଖରୀର ଉନ୍ନୟନ ନାମରେ ଖନନ କରାଯାଇଥିଲା। ଉକ୍ତ ପୋଖରୀ ଉନ୍ନୟନ ନାମରେ ସଙ୍କୁଚିତ କରିଦିଆଯାଇଛି। ଏହାପରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଗତ ୨ବର୍ଷ ମଧ୍ୟରେ ଜବରଦଖଲ ହଟାଯିବା, ବୃକ୍ଷ କଟାଯିବା, ବିଦ୍ୟୁତ୍ ଖୁଣ୍ଟ ସ୍ଥାନାନ୍ତର କରାଯିବା ଆଦି କାର୍ଯ୍ୟ ହୋଇଥିଲେ ହେଁ ଏହି ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ଅଟକି ରହିଛି। ତେବେ ଶଙ୍କୁରି ପୋଖରୀର ପୁନରୁଦ୍ଧାର ସମୟରେ ନାଳ ଓ ରାସ୍ତା ପାଇଁ ଯେଉଁ ଖନନ କରାଯାଇଥିଲା ତାହା ଏବେ ଆସ୍ତେ ଆସ୍ତେ ଭୁଶୁଡ଼ିବାରେ ଲାଗିଛି। ସହରର ଏକମାତ୍ର ଏହି ମୁଖ୍ୟ ରାସ୍ତାରେ ଦୈନନ୍ଦିନ ଦୁଇଚକିଆ, ତିନିଚକିଆ ସମେତ ଭାରିଯାନ ଯାତାୟାତ କରୁଛି। ଯଦି ଅସାବଧାନବଶତଃ ରାସ୍ତା ଭୁଶୁଡୁ ଥିବା ସ୍ଥାନ ଦେଇ କୌଣସି ଗାଡି ଚଢ଼ିଯାଏ ନିଶ୍ଚିତ ଏକ ବଡଧରଣ ଦୁର୍ଘଟଣାର ସମ୍ମୁଖୀନ ହେବାର ଅନୁମାନ କରାଯାଇପାରେ। ଉକ୍ତ ରାସ୍ତା ଦେଇ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଯାଉଥିଲେ ମଧ୍ୟ ଏଥିପ୍ରତି କାହାରି ଦୃଷ୍ଟି ପଡୁନି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏପରି ଏକ ବିପଦପୂର୍ଣ୍ଣ ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ବିପଦ ସଙ୍କେତ ମଧ୍ୟ ଲଗାଯାଇ ନାହିଁ। ଅନ୍ୟପକ୍ଷରେ ପୋଖରୀର ଉନ୍ନୟନ ତଥା ରାସ୍ତା ପ୍ରଶସ୍ତୀକରଣ ବେଳେ ଯେଉଁ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାଯାଇଥିଲା ବର୍ତ୍ତମାନ ଧୀରେ ଧୀରେ ଏଠାରେ ପୁଣି ଅସ୍ଥାୟୀ ଦୋକାନମାନ ଗଢି ଉଠିଛି। ପାରଳା ପୌରପରିଷଦ ୨୦୧୯ର ଶେଷ ଭାଗରେ ପ୍ରଶାସନ ହାତକୁ ଯିବାପରେ ମଧ୍ୟ କୌଣସି ଆଖିଦୃଶିଆ ଉନ୍ନୟନ କାମ ହୋଇ ନ ଥିବାରୁ ସାଧାରଣରେ ଆଲୋଚନା ହେଉଛି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଉଭୟ କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ ଅଧିକାରୀ ଅଶୋକ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ପାରଳାଖେମୁଣ୍ଡି ସହରର ମୁଖ୍ୟରାସ୍ତା।

